## ବାର୍‌ହା ଶିକାର ଲାଗି ରଖାଯାଇଥିବା ବୋମା କାମୁଡ଼ି ଗାଈ ଗୁରୁତର

ଗଞ୍ଜାମ,(ଡି.ଏନ.ଏ.): ବାରହା ଶିକାର ପାଇଁ ରଖାଯାଇଥିବା ଏକ ବମ୍‌କୁ କାମୁଡି ଗୋଟିଏ ଗାଈ ଗୁରୁତର ହୋଇଥିବା ଜଣାପଡିଛି। ଘଟଣା ଘଟିଛି ଗଞ୍ଜାମ ବ୍ଲକ କାଠଗଡା ଅଞ୍ଚଳରେ। ଗୁରୁବାର ସକାଳେ ମଲାଡ଼ ପଞ୍ଚାୟତର ବାବୁ ଗୌଡ଼ଙ୍କ ଗାଈ କାଠଗଡା ଅଞ୍ଚଳରେ ଏକ ପଡିଆରେ ଚରୁଥିବା ବେଳେ ବାରହା ଶିକାର ପାଇଁ ପକାଯାଇଥିବା ବମ କାମୁଡି ଦେଇଥିଲା। ଫଳରେ ଏହା ଫୁଟିବାରୁ ଗାଈଟି ଗୁରୁତର ହୋଇପଡିଥିଲା। ପ୍ରାଣୀ ଚିକିତ୍ସକ ବିକାଶ ଚନ୍ଦ୍ର ବେହେରା ଓ ସହଯୋଗୀ ଦେବାଶିଷ ପଲେଇ ଓ ମୋହନ ରେଡ୍ଡୀ ପହଞ୍ଚି ଗାଈଟିକୁ ଚିକିତ୍ସା କରିଥିଲେ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ଆମ ଅସ୍ମିତା ଆମ ଲୋକକଳା। ସ୍ଥାନ-ପ୍ରକାଶମ ହଲ, ସମୟ-ପୂର୍ବାହ୍ନ ୧୦ଟା।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ବ୍ରହ୍ମପୁର ଅଫିସ,୧୦।୧୧:** ପୋଖରୀରେ ବୁଡ଼ି ଗୁରୁବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ସଦର ଥାନା ଅନ୍ତର୍ଗତ ହୁଗୁଲାପଙ୍କା ଗ୍ରାମର ନିରଞ୍ଜନ ସ୍ୱାଇଁ(୬୦)। ପୋଲିସ ମୃତଦେହ ଜବତକରି ନଂ.୬୧।୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି। ପାଣିରେ ବୁଡ଼ିଯିବାରୁ ଶ୍ୱାସରୁଦ୍ଧ ହୋଇ ନିରଞ୍ଜନଙ୍କ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ସେ ଗୁରୁବାର ଭୋରୁ ଗାଧୋଇବା ପାଇଁ ଗାଁରେ ଥିବା ପଲାବନ୍ଧ(ପୋଖରୀ)କୁ ଯାଇଥିଲେ। ସେଠାରେ ସେ ଅସାବଧାନତା ଯୋଗୁ ବୁଡ଼ି ଯାଇଥିଲେ। ପରେ ଉକ୍ତ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ଗ୍ରାମର କେତେକ ଲୋକ ଜଣକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା। ଅନ୍ୟପଟେ ମୃତ ବୃଦ୍ଧଙ୍କ ପରିବାର ଲୋକ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ।

# ଜାଗା ମିଶନ: ଡ୍ରୋନ୍ ସର୍ଭେ କାର୍ଯ୍ୟ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

**ବ୍ରହ୍ମପୁର ଅଫିସ,୧୦।୧୧**

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ଅଧୀନରେ ବସବାସ କରୁଥିବା ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନ ଯୋଜନାରେ ପଟା ପ୍ରଦାନ କରାଯିବ। ଏ ନେଇ ଗୁରୁବାର ବିଏମ୍‌ସି ପକ୍ଷରୁ ଡ୍ରୋନ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ବିଏମ୍‌ସି ୧୦ ନଂ. ୱାର୍ଡ ଅନ୍ତର୍ଗତ ଆଇନା ବନ୍ଧ ସାହିଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପତାକା ଦେଖାଇ ଉଦ୍‌ଘାଟନ କରିବା ପରେ ଡ୍ରୋନ୍ ଉଡାଯାଇ ସର୍ଭେ କରାଯାଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବିଏମ୍‌ସି କମିଶନର ଜେ.ସୋନାଲ, ବ୍ରହ୍ମପୁର

### ଉପକୃତ ହେବେ ୧୭,୪୫୭ ପରିବାର

ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସି ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନା ଥାଉ କି, ଜାଗା ମିଶନ ଯୋଜନାରେ ନିଗମର ୪୨ଟି ୱାର୍ଡର ୧୬୩ଟି ବସ୍ତିକୁ ସାମିଲ କରାଯାଇଛି। ଏହାଦ୍ୱାରା ୧୭ ହଜାର ୪୫୭ଟି ପରିବାର ଉପକୃତ ହେବେ। ଯେଉଁମାନେ ପୂର୍ବରୁ ସରକାରୀ ଜାଗାରେ ଘର କରି ରହିଥିଲେ ସେମାନଙ୍କୁ ପଟା ପ୍ରଦାନ କରାଯିବ। ଏଥିପାଇଁ ବିଏମ୍‌ସି ପକ୍ଷରୁ ତାଲିକା ପ୍ରସ୍ତୁତ କରାଯାଇ ରାଜସ୍ୱ ବିଭାଗକୁ ପଠାଯିବ ବୋଲି ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ଅତିରିକ୍ତ କମିଶନର ନୀଳମାଧବ ଭୋଇ, ଡେପୁଟି କମିଶନର ବିନୋଦ କୁମାର ବେହେରା ଓ ଆର୍ଶୀବାଦ ପରିଡାଙ୍କ ସମେତ ବହୁ ପଦାଧିକାରୀ ଓ ବସ୍ତି ଉନ୍ନୟନ ଆସୋସିଏଶନର ସଦସ୍ୟ ଉପସ୍ଥିତ ଥିଲେ।


## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ସତ୍ୟ


@ ବର୍ଷି


@ କୃଷ୍ଣ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ସୃଜନଶୀଳତା ଶୀର୍ଷକ ଆଲୋଚନାଚକ୍ର


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଖଲ୍ଲିକୋଟ,୧୦।୧୧(ଡି.ଏନ.ଏ.)**

ଖଲ୍ଲିକୋଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୃଜନଶୀଳତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ଡ଼. ପ୍ରଫୁଲ୍ଲ କୁମାର ମହାନ୍ତି, ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା କ୍ଷେତ୍ରରେ ସୃଜନଶୀଳତା କିପରି ମାନବକୁ ମହାମାନବରେ ପ୍ରତିଷ୍ଠିତ କରିପାରୁଛି ତାର ବିଭିନ୍ନ ଦିଗନେଇ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଲ୍ୟୁଟେନାଣ୍ଟ କର୍ଣ୍ଣେଲ କିଶୋର କୁମାର ବିଶୋଇ, ପ୍ରଧାନାଚାର୍ଯ୍ୟ ଚକ୍ରପାଣି ସାହୁ ପ୍ରମୁଖ ଉପସ୍ଥିତ ରହି ଏଥିରେ ଭାଗ ନେଇଥିଲେ।

## ୩୨ ନଂ ୱାର୍ଡରେ ଜାତୀୟ ମାଣ୍ଡିଆ ଦିବସ

**ବ୍ରହ୍ମପୁର ଅଫିସ,୧୦।୧୧**

ବ୍ରହ୍ମପୁର ମହାନଗର ନିଗମ ୩୨ ନଂ ୱାର୍ଡ ଅଙ୍ଗନୱାଡି କେନ୍ଦ୍ରରେ ଜାତୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଅଶୋକନଗର ସ୍ଥିତ ସ୍କୁଲ ପରିସରରେ ମାଣ୍ଡିଆ ଦିବସ ପାଳନ କରାଯାଇଥିଲା। ଏଥିରେ ଅଙ୍ଗନୱାଡି କର୍ମୀ ମିତାଞ୍ଜଳୀ ଶତପଥୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା, ସମ୍ମାନିତ ଅତିଥି ଏ.ଶିବରାମ ପାତ୍ର ଯୋଗଦେଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମାଣ୍ଡିଆ ଦ୍ୱାରା ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରାଯାଇ ସ୍ଥାନୀୟ ବାସିନ୍ଦାଙ୍କୁ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗାୟତ୍ରୀ ନାଇଡୁ, ପ୍ରିୟଙ୍କା ପାତ୍ର, ସିଡିପିଓ କ୍ରିଷ୍ଣାବେଣୀ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।



ସଚେତନତା ଶୋଭାଯାତ୍ରାରେ ଉପସ୍ଥିତ ଅତିଥି ବୃନ୍ଦ।

## ଠିକାଦାରଙ୍କୁ ଆକ୍ରମଣ, ୩ ଗିରଫ

**ବ୍ରହ୍ମପୁର ଅଫିସ,୧୦।୧୧**

ଜଣେ ଠିକାଦାରଙ୍କୁ ଆକ୍ରମଣ ଅଭିଯୋଗରେ ଟାଉନ ଥାନା ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ଖାଜା ସାହିର ଶେଖ ମକସୁଦ ଅଲ୍ଲୀ , ପତ୍ରପେଟା ସାହିର ଜାକିର ମଣ୍ଡଳ ଓ ସଲମ ମଣ୍ଡଳ । ମାମଲା ନମ୍ବର ୩୨୬/୨୨ ରେ ଗୁରୁବାର ସେମାନଙ୍କୁ ପୋଲିସ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ପୋଡ଼ାମାରି ପଞ୍ଚାୟତର ଏକ ପାର୍କ ସୌନ୍ଦର୍ଯ୍ୟକରଣ କାମ ପାଇଁ ଠିକାଦାର ଶତ୍ରୁଘ୍ନ ଜେନା ଓ ଶେଖ ମକସୁଦ ଅଲୀ ଟେଣ୍ଡେର ନେଇଥିଲେ। ଉକ୍ତ କାମ ସରିବା ପରେ ଶତ୍ରୁଘ୍ନ ୧ ଲକ୍ଷ ଟଙ୍କାର ଚେକ ମକସୁଦଙ୍କୁ ଦେଇଥିଲେ। ଉକ୍ତ ଚେକ ମକସୁଦ ବ୍ୟାଙ୍କରେ ଜମା କରିବା ପରେ ତାହା ବାଉନ୍ସ ହୋଇଯାଇଥିଲା। ମକସୁଦ ଏନେଇ ପାଟପୁର ଥାନାରେ ଅଭିଯୋଗ କରିଥିଲେ। ଶତ୍ରୁଘ୍ନ ୧ଲକ୍ଷ ଟଙ୍କା କୋର୍ଟରେ ମକସୁଦଙ୍କୁ ଦେବାକୁ ଥାନାରେ ସ୍ଥିର ହୋଇଥିଲା। ଗୁରୁବାର ଶତ୍ରୁଘ୍ନ କୌଣସି କାମରେ ବ୍ରହ୍ମପୁର ଆସି ଥିଲେ। ସେଠାରେ ମକସୁଦ ତାଙ୍କୁ ଦେଖି ଟଙ୍କା ମାଗିଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମକସୁଦ ଓ ତାଙ୍କର ଅନ୍ୟ ଦୁଇ ସହଯୋଗୀ ଶତ୍ରୁଘ୍ନଙ୍କୁ ରାସ୍ତା ଉପରେ ପକାଇ ମାଡ଼ ମାରିବା ସହ ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ।

## ଛାତ୍ରାବାସରେ ସପ୍ତମର ୪ ପିଲାଙ୍କୁ ପିଟିଲେ ଦଶମ ଛାତ୍ର

### ଭିଡିଓ ଭାଇରାଲ ପରେ ଚାପା ଉତ୍ତେଜନା

**ଦାରିଙ୍ଗବାଡ଼ି,୧୦।୧୧(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ିରେ ଥିବା ମଙ୍ଗଳ ବିଭାଗର ଏକ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ ୪ ଜଣ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଦଶମ ଶ୍ରେଣୀର ୪ ଛାତ୍ର ମାଡ଼ ମାରୁଥିବା ଭିଡିଓ ଗୁରୁବାର ଭାଇରାଲ ହୋଇଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରାବାସରୁ ଦଶମ ଶ୍ରେଣୀର ୪ ଛାତ୍ରଙ୍କୁ ଏକ ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ସେମାନଙ୍କ ଗ୍ରାମକୁ ପଠାଇ ଦେଇଛନ୍ତି। ଅନ୍ୟପକ୍ଷରେ ମାଡ଼ ଖାଇଥିବା ସପ୍ତମ ଶ୍ରେଣୀ ଛାତ୍ରମାନଙ୍କ ମାନସିକ ଅବସ୍ଥା ଭଲ ନ ଥିବାରୁ ସେମାନଙ୍କ ଅଭିଭାବକ କିଛିଦିନ ପାଇଁ ପିଲାଙ୍କୁ ଘରକୁ ନେଇଯାଇଛନ୍ତି।

ଭାଇରାଲ ହେଉଥିବା ଦୁଇଟି ଭିଡିଓ ଗତ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ଛୁଟି ଦିନର ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି। ଭିଡିଓରେ ସପ୍ତମ ଶ୍ରେଣୀର ୪ ଛାତ୍ରଙ୍କୁ ଦଶମ ଶ୍ରେଣୀର ୨ଜଣ ଛାତ୍ର ଅମାନୁଷିକ ଭାବେ ମାଡ଼ ମାରୁଥିବା ବେଳେ ଆଉ ୨ ଛାତ୍ର ଏହାର ମଜା ଉଠାଇବା ସହ ସହପାଠୀଙ୍କୁ ସହଯୋଗ କରୁଥିବା ଦେଖାଯାଇଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ପ୍ରଧାନ ଶିକ୍ଷକ ଝୁନୁରାଣୀ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ହଷ୍ଟେଲରେ ପିଲାଙ୍କୁ ଦିଆଯିବା ପାଇଁ ଥିବା ବିସ୍କୁଟରୁ କିଛି ପ୍ୟାକେଟ ଦଶମ ଶ୍ରେଣୀ ପିଲା ନେଇଯାଉଥିବା କୁଆଡ଼େ ସପ୍ତମ ଶ୍ରେଣୀ ପିଲା ଦେଖିଥିଲେ। ଏ ସମ୍ପର୍କରେ କାହାରିକୁ ନ କହିବା ପାଇଁ ଦଶମ ପିଲା ସେମାନଙ୍କୁ ଧମକ ଦେଇଥିଲେ। ପରେ ପ୍ରଥମେ ଦିନରେ ହଷ୍ଟେଲ ଛାତ ଉପରେ ଓ ରାତିରେ ହଷ୍ଟେଲ ରୁମ୍‌ରେ ସପ୍ତମ ଶ୍ରେଣୀର ୪ ଛାତ୍ରଙ୍କୁ ମାଡ଼ମାରି ତାହାର ଭିଡିଓ କରାଯାଇଛି। ତେବେ ହଷ୍ଟେଲରେ ମୋବାଇଲ ଫୋନ କଟକଣା କରାଯାଇଥିବା ବେଳେ କିଭଳି ଭିଡିଓ କରାଗଲା ଏବଂ କେବଳ କିଛି ପ୍ୟାକେଟ ବିସ୍କୁଟ ପାଇଁ ମାଡ଼ ମରାଯାଇଛି ନା ଅନ୍ୟ କିଛି କାରଣ ଅଛି, ସେ ସମ୍ପର୍କରେ ତଦନ୍ତ କରି ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଛି । ଏ ନେଇ ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରାଙ୍କୁ ପଚାରିବାରେ ତାଙ୍କ ନିକଟରେ ଏଭଳି କୌଣସି ସୂଚନା ନ ଥିବା କହିବା ସହ ଖବର ମିଳିଲେ ତଦନ୍ତ କରିବେ ବୋଲି କହିଛନ୍ତି।

## ପ୍ରମାଣ ଅଭାବରୁ ୪ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୦।୧୧**

ବ୍ରହ୍ମପୁର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ) ଅନୁପମ ପାତ୍ର ଗୁରୁବାର ଏକ ଆକ୍ରମଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ୪ ଅଭିଯୁକ୍ତଙ୍କୁ ଘଟଣାର ୧୨ ବର୍ଷ ପରେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ କନିଷିର ଦୀପୁ ନାହାକ, ରାକେଶ ପାତ୍ର, ସରୋଜ ପ୍ରହରାଜ ଓ ଅଶ୍ୱିନୀ ପାତ୍ର। ୨୦୧୦ରେ କନିଷିର ଡ଼ି. ଶୋଭା ପାତ୍ରଙ୍କୁ ଆକ୍ରମଣ ହୋଇଥିଲା। ପୂର୍ବ ଶତ୍ରୁତାରୁ ଉପରୋକ୍ତ ୪ ଅଭିଯୁକ୍ତ ଆକ୍ରମଣ କରିଥିଲେ। ପରେ ତାଙ୍କ ଭାଇ ଡ଼ି. କୁନା ପାତ୍ର ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅନୁସନ୍ଧାନ କରି ଦୀପୁ ନାହାକ, ରାକେଶ ପାତ୍ର, ସରୋଜ ପ୍ରହରାଜ ଓ ଅଶ୍ୱିନୀ ପାତ୍ରଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନରେଆସିଥିଲେ। ଗୁରୁବାର ଜିଆର ୧୨୧୩/୧୦ ର ଏସିଜେଏମ୍ କୋର୍ଟରେ ଶୁଣାଣି ହୋଇଥିଲା। ୪ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୮ଜଣ ସାକ୍ଷୀଙ୍କ ବୟାନକୁ ଆଧାରକରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଏସିଜେଏମ୍ ଉପରୋକ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

## କୈଳାସ ରଣା ସଭାପତି ନିର୍ବାଚିତ

### ଅବିଭକ୍ତ ଗଞ୍ଜାମ ଜିଲା ସମବାୟ ସଂଘ

**ବ୍ରହ୍ମପୁର ଅଫିସ,୧୦।୧୧**

ଅବିଭକ୍ତ ଗଞ୍ଜାମ (ଗଜପତି ସହ) ଜିଲା ସମବାୟ ସଂଘର ନୂଆ ସଭାପତି ଭାବେ ବିଜେଡି ନେତା ତଥା ବିଇଡିଏର ପ୍ରାକ୍ତନ ଅଧ୍ୟକ୍ଷ କୈଳାସ ରଣା ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନ ପାଇଁ ଗୁରୁବାର ନାମାଙ୍କନ ଦାଖଲ ନିମନ୍ତେ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅପରପକ୍ଷରେ ବିଜେଡି ପକ୍ଷରୁ ରଣାଙ୍କୁ ମନୋନୀତ କରାଯାଇଥିଲା ବେଳେ ଦଳ ନିଷ୍ପତ୍ତିକୁ ବିରୋଧକରି ଗଞ୍ଜାମ ବ୍ଲକ ବା ଛତ୍ରପୁର ନିର୍ବାଚନ ମଣ୍ଡଳୀରୁ ନିର୍ଦ୍ଦେଶକ ଭାବେ ନିର୍ବାଚିତ ଖଲି ରେଡ୍ଡୀ ବିଦ୍ରୋହୀ ସାଜି କୈଳାସଙ୍କ ବିରୋଧରେ ଆଉ ଏକ ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରାର୍ଥୀପତ୍ର ଯାଞ୍ଚରେ ରେଡ୍ଡୀଙ୍କ ନାମାଙ୍କନ ଖାରଜ ହୋଇଯାଇଥିଲା। ତେଣୁ ରଣାଙ୍କ ନାମାଙ୍କନ କାଏମ ଓ ଏକମାତ୍ର ପ୍ରାର୍ଥୀ ଥିବାରୁ ଶୁକ୍ରବାର ହେବାକୁ ଥିବା ନିର୍ବାଚନ ଆବଶ୍ୟକ ନ ପଡ଼ି ତାଙ୍କୁ ସଭାପତି ନିର୍ବାଚିତ ଘୋଷଣା ପରେ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ନିର୍ବାଚନ ପାଇଁ ମଧ୍ୟ ଗୁରୁବାର ନାମାଙ୍କନ ଦାଖଲ ଧାର୍ଯ୍ୟ ହୋଇଥିଲା। ଚିକିଟି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ରାଜଗୁରୁଙ୍କୁ ବିଜେଡି ପକ୍ଷରୁ ପ୍ରାର୍ଥୀ ମନୋନୀତ କରାଯାଇଥିଲା। କୁକୁଡ଼ାଖଣ୍ଡି ବ୍ଲକର ସନ୍ତୋଷ ଚୌଧୁରୀ ଦଳର ନିଷ୍ପତ୍ତି ନ ମାନି ବିଦ୍ରୋହୀ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ତେଣୁ ଶୁକ୍ରବାର ନିର୍ବାଚନ ହେବାର ସ୍ପଷ୍ଟ ହୋଇଯାଇଛି।


ନୂତନ ସଭାପତି କୈଳାସ ରଣା

## ପ୍ରସ୍ତୁତି ଭିତ୍ତିଭୂମି ପରିଦର୍ଶନ କଲେ ଗ୍ରୁପ୍ କମାଣ୍ଡର


କ୍ୟାଡ଼େଟଙ୍କ ସହ ଆଲୋଚନା ବେଳେ ଗ୍ରୁପ କ୍ୟାପଟେନ ସଚିନ ଗୁପ୍ତା।

**ବ୍ରହ୍ମପୁର ଅଫିସ ୧୦।୧୧**

### ଏନସିସି ଦିବସ ପୂର୍ବ ପ୍ରସ୍ତୁତି ବୈଠକ

ଓଡ଼ିଶା ମେଡ଼ିକାଲ ଏନ୍‌ସିସି ପକ୍ଷରୁ ବ୍ରହ୍ମପୁର ସହର ସିଟି ମହାବିଦ୍ୟାଳୟଠାରେ ଆସନ୍ତା ୨୬ରେ ୭୫ ତମ ଏନସିସି ଦିବସ ପାଳିତ ହେବ। ଏହା ପୂର୍ବରୁ ୩ ଓଡ଼ିଶା ମେଡ଼ିକାଲ ଏନ୍‌ଏସିସି ପକ୍ଷରୁ ବ୍ରହ୍ମପୁର ଗାନ୍ଧୀନଗର ସ୍ଥିତ ଏନ୍‌ସିସି ଗ୍ରୁପ ହେଡ଼କ୍ୱାଟର କ୍ୟାପଟେନ ସଚିନ ଗୁପ୍ତା ସିଟି ମହାବିଦ୍ୟାଳୟରେ ଏନ୍‌ସିସି ଦିବସ ପାଳନ ପୂର୍ବପ୍ରସ୍ତୁତି ନିମନ୍ତେ ଭିତ୍ତିଭୂମି ପରିଦର୍ଶନ ଗସ୍ତରେ ଆସି ଆଲୋଚନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷା ଡ଼.ଅନୀତା କୁମାରୀ ପଣ୍ଡା, ଏନ୍‌ସିସି ଅଧିକାରୀ ଅଧ୍ୟାପକ ଲ୍ୟୁଟେନାଣ୍ଟ ମେଘନାଦ ପ୍ରଧାନ ଉପସ୍ଥିତ ରହିଥିଲେ। ଏହି ପରିଦର୍ଶନ ବେଳେ ଗ୍ରୁପ କ୍ୟାପଟେନ ଗୁପ୍ତା ମହାବିଦ୍ୟାଳୟ କ୍ୟାଡ଼େଟଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ମହାବିଦ୍ୟାଳୟ ଏନସିସି ଅଧିକାରୀ ଲ୍ୟୁଟେନାଣ୍ଟ ପ୍ରଧାନ ଏନ୍‌ସିସି ସମ୍ପର୍କରେ କ୍ୟାପଟେନ ଗୁପ୍ତାଙ୍କୁ ବୁଝାଇଥିଲେ। ପରିଦର୍ଶନ ବେଳେ ଅନ୍ୟତମ ଅତିଥି ଭାବେ ୩ ଓଡ଼ିଶା ମେଡ଼ିକାଲ ଏନ୍‌ସିସିର କମାଣ୍ଡିଂ ଅଫିସର ମେଜର ସୌରଭ ତିୱାରୀ, ସୁବେଦାର ଚୌହାନ, ନାଏବ ସୁବେଦାର ବାଲାମୁର୍ଗାନ ଉପସ୍ଥିତ ଥିଲେ।

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ପ୍ରଥମ

### ଅଖିଳ ଭାରତୀୟ ଗଣିତ ବିଜ୍ଞାନ ମେଳା

**ବ୍ରହ୍ମପୁର ଅଫିସ,୧୦।୧୧**

ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ଅଖିଳ ଭାରତୀୟ ଗଣିତ ବିଜ୍ଞାନ ମେଳାରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ର ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ମେଳାର ବିଜ୍ଞାନ ପ୍ରଶ୍ନ ମଞ୍ଚରେ ଯୁକ୍ତ ୨ ବିଭାଗର ସୋମ୍ୟ ଜଗନ୍ନାଥ ପାଢୀ, ସ୍ନେହା ପାଢୀ ଓ ରାହୁଲ ପାଢୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଗଣିତ ପ୍ରଶ୍ନ ମଞ୍ଚରେ ଅଷ୍ଟମ ଶ୍ରେଣୀର ସୋମ୍ୟ, ଓମ୍‌କାର ପ୍ରସାଦ ରଥ ଓ ବିଶ୍ୱଜିତ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କୃତି ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେଶନଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା ସମିତି କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ଉପଦେଷ୍ଟା ନରସିଂହ ଚୌଧୁରୀ, ଅଧ୍ୟକ୍ଷ ଏସ୍.ମୋହନ ରାଓ, ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି, ସହ ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟଙ୍କ ସମେତ ଶର୍ମିଳା ପଣ୍ଡା, ପ୍ରସନ୍ନ କୁମାର ସାହୁ, ଜ୍ଞାନ ରଞ୍ଜନ ମଣ୍ଡଳ, ଅନିଲ କୁମାର ଦାଶଙ୍କ ସମେତ ବହୁ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ଉପସ୍ଥିତ ଥିଲେ।


ରେଳ ଷ୍ଟେଶନରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା।

